DHARITRI

30th Jan, 2021

# ଓପିଟିସିଏଲ୍ ଚେୟାର ପ୍ରତିଷ୍ଠା ଲାଗି ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୯।୧ (ବ୍ୟୁରୋ)**

- ଓପିଟିସିଏଲ୍ ଚେୟାର ପ୍ରତିଷ୍ଠା ଲାଗି ଭୁବନେଶ୍ୱର ଆଇଆଇଟି ଏବଂ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂରକ୍ଷଣ ନିଗମ ଲିଃ (ଓପିଟିସିଏଲ୍) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୁଝାମଣାପତ୍ର ଅନୁଯାୟୀ, ରାଜ୍ୟର ଶକ୍ତି କ୍ଷେତ୍ରରେ ତାଲିମ ପ୍ରଦାନ, ଗୁଣାତ୍ମକ ଶକ୍ତି ଉତ୍ପାଦନ, ଶକ୍ତି ସଞ୍ଚାର, ଭିତ୍ତିଭୂମି ବିକାଶ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଉପରେ ଉଚ୍ଚତର ଗବେଷଣା ଏବଂ ପ୍ରୟୋଗାତ୍ମକ ବୈଷୟିକ ଯନ୍ତ୍ରପାତିର ବିକାଶ ଉପରେ ଭୁବନେଶ୍ୱର ଆଇଆଇଟି କାର୍ଯ୍ୟ କରିବ। ଭୁବନେଶ୍ୱର ଆଇଆଇଟିରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଲେ, ଏହି ବୁଝାମଣା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ଆଇଆଇଟି ନିର୍ଦ୍ଦେଶକ ଆର୍.ଭି. ରାଜା କୁମାର କହିଲେ, ଏହି ଅନୁଷ୍ଠାନ ଶିକ୍ଷାଦାନ ବ୍ୟତୀତ ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ଅଧିକ ଗବେଷଣା କରିବାକୁ ପ୍ରତିଶ୍ରୁତିବଦ୍ଧ। ଓପିଟିସିଏଲ୍ ଓ ଗ୍ରୀଡ୍‌କୋର ଅଧ୍ୟକ୍ଷ ସୌରଭ ଗର୍ଗ କହିଲେ, ଆଇଆଇଟି ବିଭିନ୍ନ ବୈଷୟିକ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବ। ମେଧାବୀ ଛାତ୍ରୀଛାତ୍ର ଶକ୍ତି କ୍ଷେତ୍ରରେ ଉପୁଜୁଥିବା ପ୍ରକୃତ ସମସ୍ୟା ସହ ଅବଗତ ହେବେ।